ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

ପତ୍ର ସଂ –୩୨/୨୦୨୪ ସପ୍ତାହ-୧୬ ଶୁକ୍ରବାର, ତାରିଖ-୧୯.୦୪.୨୦୨୪

**ନୂଆପଡ଼ା ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ:**

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୨୦-୦୪-୨୦୨୪ | ୦ | ୪୪ | ୨୮ | ୧ | ୨୦ | ୯ | ୭ | ୧୬୨ |
| | ୨୧-୦୪-୨୦୨୪ | ୦ | ୪୪ | ୨୮ | ୩ | ୨୬ | ୧୦ | ୭ | ୨୮୧ |
| | ୨୨-୦୪-୨୦୨୪ | ୫ | ୪୨ | ୨୬ | ୭ | ୪୪ | ୧୨ | ୧୦ | ୨୮୮ |
| | ୨୩-୦୪-୨୦୨୪ | ୧୦ | ୩୯ | ୨୪ | ୫ | ୫୧ | ୨୪ | ୮ | ୨୫୧ |
| | ୨୪-୦୪-୨୦୨୪ | ୪ | ୩୮ | ୨୪ | ୪ | ୪୬ | ୧୮ | ୮ | ୨୭୦ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

**ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା**

ଭାରତୀୟ ପାଣିପାଗ ବିଭାଗର ଉପରୋକ୍ତ ଆକଳନ ଅନୁସାରେ ଆସନ୍ତା ଦୁଇ ଦିନରେ ପାଗ ମୁଖ୍ୟତଃ ଉତ୍ତପ୍ତ ଓ ଶୁଖିଲା ରହିବ ଓ ପରବର୍ତୀ ଦିନଗୁଡ଼ିକରେ ହାଲୁକା ବର୍ଷା ହେବାର ର ଆଶଙ୍କା ରହିଛି । ଏହି ଦିନଗୁଡ଼ିକରେ ଆକାଶ ମୁଖ୍ୟତଃ ନିର୍ମଳ ରୁ ସାଧାରଣତଃ ମେଘୁଆ ରହିବା ସହିତ ପବନ ଦକ୍ଷିଣ ରୁ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ସର୍ବାଧିକ ୦୧୦ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ୩୮ – ୪୪ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୪ - ୨୮ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୨୦ – ୫୧ % ଓ ୦୯ – ୨୪ % ରହିବ ବୋଲି ଆଶା କରାଯାଏ ।

**ଚେତାବନୀ :** ନାହିଁ

**ସାଧାରଣ ପରାମର୍ଶ**

- ଭାରତୀୟ ପାଣିପାଗ ବିଭାଗର ସମ୍ପ୍ରସାରିତ ପୂର୍ବାନୁମାନ ଅନୁସାରେ ଓଡ଼ିଶାରେ ଆସନ୍ତା ସପ୍ତାହର (ଏପ୍ରିଲ ୧୯ ରୁ ଏପ୍ରିଲ ୨୫) ଦ୍ବିତୀୟ ଭାଗରେ ପାଗ ଶୁଖିଲା ସହିତ କିଛି ଜାଗାରେ ବୁଜୁଳି ଘଡଘଡ଼ି ମାରିବାର ସମ୍ଭାବନା ରହିଛି। ସପ୍ତାହ ର ପ୍ରଥମ ଭାଗରେ ଦିନର ସର୍ବାଧିକ ତାପମାତ୍ରା ସାଧାରଣ ତାପମାତ୍ରା ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି ଏବଂ କିଛି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ପ୍ରବାହ ହେବାର ସମ୍ଭାବନା ରହିଛି ।
- ଏପ୍ରିଲ ୨୬ ରୁ ମଇ ୨ ତାରିଖ (ଦ୍ବିତୀୟ ସପ୍ତାହ) ମଧ୍ୟରେ ଓଡ଼ିଶାରେ ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ଓ କିଛି କିଛି ସ୍ଥାନରେ ଉଷ୍ଣ ଲହରୀ ବହିବାର ସମ୍ଭାବନା ରହିଛି ଏବଂ ଏହି ଅବଧିରେ କିଛି କିଛି ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ସାଧାରଣ ତାପମାତ୍ରା ଠୁ ସାମାନ୍ୟ ଅଧିକ ରହିବାର ଆଶଙ୍କା ରହିଛି।
- ସୋମବାର ରୁ ବୁଧବାର ମଧ୍ୟରେ ହାଲୁକା ବର୍ଷା ହେବାର ପୂର୍ବାନୁମାନ ଥିବାରୁ ଚାଷୀ ମାନେ ବିଚାର କରି କୃଷି ଜନିତ ନିଷ୍ପତି ନିଅନ୍ତୁ।
- ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମ ଲହରୀ ପ୍ରବାହ ହେଉଥିବାରୁ ଛିଡ଼ା ହୋଇଥିବା ଫସଲରେ ଜଳାଭାବକୁ ଦୂର କରିବା ପାଇଁ ଦୈନିକ ସନ୍ଧ୍ୟାରେ ନଚେତ ପ୍ରାତଃ ସମୟରେ ଜଳସେଚନ କରନ୍ତୁ।
- ପାଣିପାଗ ପୂର୍ବାନୁମାନ କୁ ଲକ୍ଷକରି ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ଦିନ ୧୦ ରୁ ୪ ଟା ପର୍ଯ୍ୟନ୍ତ ଘର ଭିତରେ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ।

| ସଂକ୍ଷିପ୍ତ ବାର୍ତା | ଫସଲରେ କୀଟ ସଂଖ୍ୟା ଉପରେ ନିୟନ୍ତ୍ରଣ ପାଇଁ ଜମିରେ ସୌରଚାଳିତ ଆଲୋକ ଯନ୍ତା ଲଗାନ୍ତୁ । |
|---|---|
| **ପାଣିପାଗ ଭିତ୍ତିକ କୃଷି ପରାମର୍ଶ:** | |
| **ଫସଲ (ଅବସ୍ଥା)** | **ପରାମର୍ଶ** |
| ଡାଲୁଅ ଧାନ<br>(ଫୁଲ/ଶସ୍ୟ ଭରିବା ଅବସ୍ଥା) | ରୋଗ ଓ ପୋକ ପରିଚାଳନା:<br>▪ ପତ୍ରାଛାଦ ପୋଡ଼ା ରୋଗ : ବର୍ତମାନ ଜମିରେ ପତ୍ରାଛାଦ ପୋଡ଼ା ରୋଗର ସଂକ୍ରମଣ ଲକ୍ଷ୍ୟ କରାଯାଉଛି । ଏହି ରୋଗର ନିରାକରଣ ପାଇଁ ୧.୫ ମିଲିଗ୍ରାମ ଆଜୋକ୍ସିଷ୍ଟ୍ରୋବିନ ୧୧% + ଟେବୁକୋନାଜୋଲ ୧୮.୩% ଏସ.ସି. କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ ପତ୍ର ପୋଡ଼ା ରୋଗ: ବର୍ତମାନ ପାଗରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ଦେଖା ଦେଉଅଛି । ଏହାର ନିୟନ୍ତ୍ରଣ ପାଇଁ ୩ ଗ୍ରାମ କପରଅକ୍ସିକ୍ଲୋରାଇଡ ୫୦% ଡବ୍ଲୁପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।<br>▪ ମହିଷା ରୋଗ: ମହିଷା ରୋଗର ପ୍ରାଦୁର୍ଭାବ ଦେଖା ଦେଉଥିଲେ ପ୍ରତି ୧୦ ଲିଟର ପାଣିରେ ୪ ଗ୍ରାମ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ. ଜି. କିମ୍ବା ୧୦ ଗ୍ରାମ କାରବେନଡାଜିମ୍ ୫୦% ଡବ୍ଲୁପି. କିମ୍ବା ୧୦ ମି.ଲି. ଏଡିଫେନୋଫୋସ୍ ୫୦% ଇ.ସି. କୁ ମିଶ୍ରଣ କରି ସିଂଚନ କରନ୍ତୁ। |

| | |
|---|---|
| | ▪ କାଣ୍ଡବିନ୍ଧା ବା ଗଣ୍ଡି ପୋକ ଓ ପତ୍ରମୋଡ଼ା ପୋକ: ନିୟନ୍ତ୍ରଣ ପାଇଁ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ ନଚେତ ୩ ମି.ଲି କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ.ସି କିମ୍ବା ୧ ମି.ଲି ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ ମାଟିଆଗୁଣ୍ଡି /ଚକଡ଼ା ପୋକ: ତାପମାତ୍ରା ବୃଦ୍ଧି ହେତୁ ମାଟିଆଗୁଣ୍ଡି ପୋକ ର ଉପସ୍ଥିତି ଦେଖା ଦେଇପାରେ। ତେଣୁ ଜମିରେ ସୂର୍ଯ୍ୟାଲୋକ ଓ ବାୟୁ ଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗକୁ ୬ ଫୁଟ ବ୍ୟବଧାନରେ ପାହି ତିଆରି କରନ୍ତୁ। |
| **ମୁଗ ଓ ବିରି**<br>(ପାକଳ ଅବସ୍ଥା/ଅମଳ ଅବସ୍ଥା) | ଅମଳ ପରବର୍ତୀ ଯତ୍ନ<br>▪ ୭୫ ରୁ ୮୦ ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ ଏବଂ ଅମଳ ପରେ ମଞ୍ଜିକୁ ଖରାରେ ଭଲଭାବରେ ଶୁଖାନ୍ତୁ ଯେପରିକି ମଞ୍ଜିରେ ୮ ରୁ ୧୦ ଭାଗ ଜଳୀୟ ଅଂଶ ରହିବ ।<br>▪ ଅମଳ ହେଇଥିବା ମଞ୍ଜିକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ପୋକ ଦାଉରୁ ସୁରକ୍ଷିତ ରଖିବା ପାଇଁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨ ମିଲି ସୋରିଷ ତେଲ ସହିତ ଭଲ ଭାବରେ ମିଶାଇ ରଖନ୍ତୁ ।<br>▪ ଛୁଇଁ ଅମଳ ପରେ ଗଛ ଗୁଡ଼ିକୁ ମାଟିରେ ଚାଷ କରି ମିଶାଇ ଦିଅନ୍ତୁ । ଏହାଦ୍ବାରା ମାଟିର ଉର୍ବରତା ବଢିଥାଏ । |
| **ଚିନାବାଦାମ**<br>(ଅମଳ ପରବର୍ତୀ ଅବସ୍ଥା) | ଅମଳ ପରବର୍ତୀ ଯତ୍ନ<br>▪ ଅମଳ ପରେ ଚିନାବାଦାମକୁ ପଲିଥିନ ଯୁକ୍ତ ବସ୍ତାରେ ସାଇତି ରଖନ୍ତୁ ଯଦ୍ଵାରା ବାୟୁମଣ୍ଡଳର ଆର୍ଦ୍ରତା ବସ୍ତା ଭିତରକୁ ପ୍ରବେଶ କରିବ ନାହିଁ। ପ୍ରତି ୩୦ କିଲୋଗ୍ରାମ ବିହନ ନିମନ୍ତେ ୨୫୦ ଗ୍ରାମ କାଲସିଅମ କ୍ଲୋରାଇଡ କୁ କପଡ଼ାରେ ବାନ୍ଧି ଗୋଟିଏ ପ୍ଲାଷ୍ଟିକ ଡବାରେ ଝୁଲାଇ ଦିଅନ୍ତୁ ଏବଂ ଡବାର ମୁହଁକୁ ବନ୍ଦ କରି ବସ୍ତା ଭିତରେ ମଝି ସ୍ଥାନରେ ରଖନ୍ତୁ। ଡବା ଭିତରକୁ ବାୟୁ ପ୍ରବେଶ ପାଇଁ ଡବାର ଉପରି ଭାଗରେ ମୋଟା ଛୁଞ୍ଚି ଦ୍ୱାରା କିଛି ଛିଦ୍ର କରିଦିଅନ୍ତୁ। ତାପରେ ବସ୍ତା ମୁହଁକୁ ବାନ୍ଧି ବସ୍ତାଟିକୁ ସିଧା ଭାବରେ ବାୟୁ ଚଳାଚଳ କରୁଥିବା ଘରେ ସାଇତି ରଖନ୍ତୁ। ଏହା ଦ୍ୱାରା ଚିନାବାଦାମର ଗଜା ହେବା ଶକ୍ତି ୮ ରୁ ୧୦ ମାସ ପର୍ଯ୍ୟନ୍ତ ସୁରକ୍ଷିତ ରହିବ। |
| **ଭେଣ୍ଡି**<br>(ଫୁଲ/ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ▪ ଫଳବିନ୍ଧା ପୋକ : ବର୍ତମାନ ପାଗରେ ଭେଣ୍ଡି ପତ୍ରରେ ଫଳବିନ୍ଧା ପୋକର ସଂକ୍ରମଣ ଦେଖା ଦେଇପାରେ । ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ହେଲି ଲିଅର ଲାଗିଥିବା ଫେରୋମୋନ ଟ୍ରାପ ଲଗାନ୍ତୁ ଏବଂ ୩ ସପ୍ତାହ ପରେ ଲିଅର କୁ ପୁଣି ବଦଳାଇ ଦିଅନ୍ତୁ । |
| **କଖାରୁ ଜାତୀୟ (କଖାରୁ, କାକୁଡ଼ି, ଲାଉ, ପାଣିକଖାରୁ, କଲରା, ପୋଟଳ ଇତ୍ୟାଦି)**<br>(ଫୁଲ/ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ରୋଗ ପରିଚାଳନା:<br>▪ ପାଉଁଶିଆ ରୋଗ : ବର୍ତମାନ ପାଗରେ ପାଉଁଶିଆ ରୋଗର ସଂକ୍ରମଣ ଦେଖା ଦେଇପାରେ । ପତ୍ରରେ ସଂକ୍ରମଣର ଲକ୍ଷଣ ଦେଖାଗଲେ ୦.୫ ଗ୍ରାମ କାରବେନଡାଜିମ ୫୦% ଡବ୍ଲ୍ୟୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ପିଆଜ**<br>(ଫଳ ଧରିବା ଅବସ୍ଥା/ପାକଳ ଅବସ୍ଥା) | ▪ ଫଳ ବିକଶିତ ହେବା ସମୟରେ ପାଣିର ଅଭାବାକୁ ଦୂର କରନ୍ତୁ ।<br>▪ ଅମଳ ଉପଯୁକ୍ତ ହୋଇଯାଇଥିଲେ ଅମଳର ଅନୂନ୍ୟ ୧୫ ଦିନ ପୂର୍ବରୁ ଜଳସେଚନ ସ୍ଥଗିତ ରଖନ୍ତୁ । ଅମଳ ପରବର୍ତୀ ଗଜା ହେବାକୁ ରୋକିବା ପାଇଁ ଅମଳ ହେଇଥିବା ପିଆଜରେ କୁ ଭଲ ବାୟୁ ଚଳଚଳ ହେଉଥିବା ସ୍ଥାନରେ ରଖନ୍ତୁ ।<br>ରୋଗ ପରିଚାଳନା:<br>▪ ବାଇଗଣି ଦାଗ (ପରପଲ ବ୍ଲୋଚ୍) : ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ ଉକୁଣିଆ ପୋକ: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି କିମ୍ବା ପ୍ରତି ୪ ଲିଟର ପାଣିରେ ୧ ଗ୍ରାମ ଏସିଡାମିପ୍ରିଡ୍ ୨୦% ଏସ.ପି. କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ପଶୁପାଳନ:** | |
| **ଗାଈ ଓ ମଇଁଷି** | ▪ ଶଙ୍କର ଜାତୀୟ ଗାଈ ଯଥା ଜର୍ସି ଓ ହୋଲଷ୍ଟିନ ରଖିଥିବା ଚାଷୀ ଓ ପଣ୍ଡା ଓ ମଇଁଷି ରଖୁଥିବା ଚାଷୀ ଖରାଦିନେ ଅଧିକ ସତର୍କତା ଅବଲମ୍ବନ କରନ୍ତୁ।<br>▪ ଉନ୍ନତ କିସମର ଦୁଧିଆଳୀ ଗାଈ ମାନଙ୍କ ପାଇଁ ଉପଯୁକ୍ତ ଗୁହାଳ କରିବା ଆବଶ୍ୟକ। ଯଦି ଗୁହାଳ ନାହିଁ ତେବେ ବର୍ତମାନ |

| | |
|---|---|
| | ଟାଣ ଖରାରେ ବାହାରକୁ ନଛାଡ଼ି ଅତିକମରେ ୯ ଫୁଟ ଉଚ୍ଚତାର ଚାଳଘର ତିଆରି କରି ରଖନ୍ତୁ।<br>▪ ବର୍ତମାନ ପାଗରେ ପଣ୍ଡା ଓ ମଇଁଷି ମାନଙ୍କୁ ପୋଖରୀ କିମ୍ବା ଚୁଆରେ ଗାଧୋଇ ଦିଅନ୍ତୁ।<br>▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଇ ଓ ମଇଁଷିଙ୍କ ଉପରେ ଅଧଘଣ୍ଟା ଆନ୍ତରାଳରେ ୧ ରୁ ୫ ମିନିଟ ପର୍ଯ୍ୟନ୍ତ ପାଣି ସିଞ୍ଚନ କରନ୍ତୁ।<br>▪ ଆବଶ୍ୟକ ସ୍ଥଳେ ଉତ୍ତାପ ହ୍ରାସ ପାଇଁ ଫେନ ର ବ୍ୟବସ୍ଥା କରନ୍ତୁ ଓ ପ୍ରଚୁର ମାତ୍ରାରେ ପାନୀୟ ଜଳ ଯୋଗାଇ ଦିଅନ୍ତୁ। |
| **ଛେଳି ଓ ମେଣ୍ଢା** | ▪ ସିମେଣ୍ଟ, କଂକ୍ରିଟ ଯୁକ୍ତ ଛାତ ଘରେ ଛେଳି ଓ ମେଣ୍ଢା ରଖୁଥିବା ଚାଷୀ ମାନେ ଛାତ ଉପରେ ନଡ଼ା ପକାନ୍ତୁ ଏବଂ ଛାତକୁ ଧଳା ରଙ୍ଗରେ ପ୍ୟାଣ୍ଟ କରନ୍ତୁ। ସମ୍ଭବ ହେଲେ ଫଲସ ସିଲିଂ ର ବ୍ୟବସ୍ଥା କରନ୍ତୁ। ଦିନ ୧୦ ଟା ରୁ ୪ ଟା ପଯ୍ୟନ୍ତ ବାହାରକୁ ଛାଡ଼ନ୍ତୁ ନାହିଁ। |
| **କୁକୁଡ଼ା** | ▪ ନୂଆକରି କୁକୁଡ଼ା ଫାର୍ମ ଆରମ୍ଭ କରୁଥିବା ଚାଷୀ ମାନେ କୁକୁଡ଼ା ଘରର ଲମ୍ବ କୁ ପୂର୍ବ ରୁ ପଶ୍ଚିମ ଦିଗରେ ରଖନ୍ତୁ। ଏହାଦ୍ୱାରା କୁକୁଡ଼ା ଘରେ କମ ଖରାର ପ୍ରଭାବ ରହିବ। ଅତ୍ୟଧିକ ଖରାରୁ କୁକୁଡ଼ା ମାନଙ୍କ ସୁରକ୍ଷା ପାଇଁ କୁଲର, ଫଗର, ଫଲସ ସିଲିଂ ର ବ୍ୟବସ୍ଥା କରନ୍ତୁ।<br>▪ ଦିନର ତାପମାତ୍ରା ବୃଦ୍ଧି ପାଉଥିବା  ହେତୁ କୁକୁଡ଼ା ଘରକୁ ଯଥା ସମ୍ଭବ ଥଣ୍ଡା ରଖିବା ପାଇଁ ଯତ୍ନଶୀଳ ହୁଅନ୍ତୁ । କୁକୁଡ଼ା ମାନଙ୍କୁ ଉପଯୁକ୍ତ ପରିମାଣର ଦାନା ଓ ପନୀୟ ଜଳ ପ୍ରଦାନ କରନ୍ତୁ ।<br>▪ ବର୍ତମାନ ପାଗରେ କୁକୁଡ଼ା ରଖୁଥିବା ଘରକୁ ଦିନବେଳା ପରଦା ଢାଙ୍କି ଗରମ ପବନରୁ କୁକୁଡ଼ା ମାନଙ୍କୁ ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ କୁକୁଡ଼ା ମାନଙ୍କ ଉପରେ ଦିନରେ ୨ ରୁ ୩ ଥର ପାଣି ସିଞ୍ଚନ କରନ୍ତୁ। |
| **ମତ୍ସ୍ୟ ଚାଷ** | ▪ ବର୍ତମାନ ସମୟରେ ଦିନର ତାପମାତ୍ରା ବଢିବା ସହ ସହ ଗ୍ରୀଷ୍ମ ଲହରୀ ପ୍ରବାହ ହେଉଥିବାରୁ ପୋଖରୀ ର ଜଳର ଗଭୀରତା ସତେଜ ପାଣି ଭର୍ତି କରି ୧ ମିଟର ବଢ଼ାଇ ଦିଅନ୍ତୁ। ଦାନା ର ପରିମାଣ ୧୦ ରୁ ୨୦ ପ୍ରତିଶତ କମ କରିଦିଅନ୍ତୁ ଏବଂ ପୋଖରୀ ଭିତରକୁ ଥଣ୍ଡା ପାଣି ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ ଯେପରିକି ପାଣିର ତାପମାତ୍ରା ୧୩ ରୁ ୧୮ ଡିଗ୍ରୀ ସେ. ବଜାୟ ରହିବ। |

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**